ଯଶପଡ଼ାରେ କ୍ରୀଡ଼ାମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

କନ୍ଦରପୁର,୧୮।୬/ଏନ୍ଏନ୍ଏସ୍ : କଟକ ସଦର ଅନ୍ତର୍ଗତ ସ୍ଥାନୀୟ ଯଶପଡ଼ା ଖେଳପଡ଼ିଆ ଠାରେ ରବିବାର ପୂର୍ବାହ୍ଣରେ କ୍ରୀଡ଼ା ଏବଂ ଯୁବ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଚନ୍ଦ୍ରସାରଥି ବେହେରାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସଦର ବିଜେଡି ସଭାପତି ପ୍ରମୋଦ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମନ୍ତିନୀ ବେହେରା, ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡ଼ା, ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ଗୋବିନ୍ଦ ସାମଲ, ଯଶପଡ଼ା ସରପଞ୍ଚ ସୁବାସ ଚନ୍ଦ୍ର ମହାନ୍ତି, ସମିତି ସଭ୍ୟ ଚିତ୍ତରଞ୍ଜନ ବେହେରା, ନାଗେଶ୍ୱର ମହାନ୍ତି, ମନୋରଞ୍ଜନ ଦାସ ପ୍ରମୁଖ ଭାଷଣ ଦେଇଥିଲେ। ଶେଷରେ ଦୀପକ ମହାନ୍ତି ଧନ୍ୟବାଦ ଦେଇଥିଲେ।

ଷ୍ଟୋଭ ଫାଟି ମହିଳା ଆହତ ହେବା ଘଟଣା

ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ବାଣପୁର,୧୮।୬/ଏନ୍ଏନ୍ଏସ୍ : ରୋଷେଇ କରିବାବେଳେ ଷ୍ଟୋଭ ଫାଟିଯିବାରୁ ସାଂଘାତିକ ଭାବେ ପୋଡ଼ିଯାଇ ଜଣେ ମହିଳା ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତେବେ ମହିଳାଙ୍କ ବାପ ଘର ଓ ଶଶୁର ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଚିକିତ୍ସାରେ ବାଧା ସୃଷ୍ଟି ହେଉଛି। ଚିକିତ୍ସାରେ ସହଯୋଗ ନିମନ୍ତେ ପୀଡ଼ିତାଙ୍କ ପରିବାର ପକ୍ଷରୁ ସରକାରୀ ଅଧିକାରୀଙ୍କ ସମେତ ବଦାନ୍ୟ ବ୍ୟକ୍ତିଙ୍କୁ ସାହାଯ୍ୟ ପାଇଁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ ଯେ, ବାଣପୁର ଥାନା ଅନ୍ତର୍ଗତ ଲହଙ୍ଗାଡିହ ଗ୍ରାମର ଗୋଲଖ ପରିଡାଙ୍କ ପତ୍ନୀ ଗୀତାଞ୍ଜଳି ଗତ ୮ ତାରିଖ ସନ୍ଧ୍ୟା ସମୟରେ ଘରେ ଷ୍ଟୋଭରେ ରୋଷେଇ କରୁଥିଲେ। ଏହି ସମୟରେ ହଠାତ୍ ଷ୍ଟୋଭଟି ଫାଟିଯିବାରୁ ଗୀତାଞ୍ଜଳି ପୋଡିଯାଇ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ନିଆଁରୁ ରକ୍ଷା କରିବାକୁ ଯାଇ ଗୋଲଖ ମଧ୍ୟ ଆହତ ହୋଇଥିଲେ। ଗୀତାଞ୍ଜଳିଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଖୋର୍ଦ୍ଧା ଜିଲ୍ଲା ଡାକ୍ତରଖାନା ଓ ପରେ ଭୁବନେଶ୍ୱର ୬ ନମ୍ବର ଡାକ୍ତରଖାନା ସହ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଗୀତାଞ୍ଜଳିଙ୍କର ଶରୀରର ଶତକଡ଼ା ୭୫ ଭାଗରୁ ଉର୍ଦ୍ଧ୍ୱ ଅଂଶ ପୋଡ଼ିଯାଇଥିବା ବେଳେ ସେଠାରେ ଚିକିତ୍ସା ପାଇଁ ଆନୁଷଙ୍ଗିକ ସୁବିଧା ନଥିବା ଦର୍ଶାଇ ତାଙ୍କୁ ଅନ୍ୟତ୍ର ଚିକିତ୍ସା କରାଇବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଫଳରେ ଅନ୍ୟ ଉପାୟ ନପାଇ ପରିବାର ପକ୍ଷରୁ ଗୀତାଞ୍ଜଳିଙ୍କୁ ସମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ଗୀତାଞ୍ଜଳି ସେଠାରେ ଚିକିତ୍ସିତ ହେଉଛନ୍ତି। ତେବେ ଏ ମଧ୍ୟରେ ଚିକିତ୍ସା ଖର୍ଚ୍ଚ ତୁଲାଇବା ପାଇଁ ଗୋଲଖ ନିଜ ପୈତୃକ ଘର ଖଣ୍ଡିକ ବନ୍ଧା ପକାଇ ଦେଇଥିବା ବେଳେ ଗୀତାଞ୍ଜଳିଙ୍କ ବାପା ନାରାୟଣ ତରାଇ ମଧ୍ୟ ନିଜର ସମସ୍ତ ଆର୍ଥିକ ସମ୍ବଳ ବିନିଯୋଗ କରି ସାରିଲେଣି। ଗୀତାଞ୍ଜଳିଙ୍କ ଚିକିତ୍ସା ପାଇଁ ଦୈନିକ ୮ରୁ ୧୦ ହଜାର ଟଙ୍କା ଆବଶ୍ୟକ ହେଉଥିବାରୁ ଉଭୟ ପରିବାର ପକ୍ଷରୁ ଚିକିତ୍ସା ଖର୍ଚ୍ଚ ତୁଲାଇବା ଅସମ୍ଭବ ହୋଇପଡୁଛି। ତେଣୁ ସରକାରୀସ୍ତରରେ ତାଙ୍କୁ ଚିକିତ୍ସା ସୁଯୋଗ ଯୋଗାଇଦେବା ପାଇଁ ତାଙ୍କ ବାପା ନାରାୟଣ ତରାଇ ଅଧିକାରୀମାନଙ୍କୁ ଅନୁରୋଧ କରିବା ସହ ବଦାନ୍ୟ ବ୍ୟକ୍ତିମାନେ ଚିକିତ୍ସା ନିମନ୍ତେ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି। ସାହାଯ୍ୟ ନିମନ୍ତେ ଇଚ୍ଛୁକ ସହୃଦୟ ବ୍ୟକ୍ତିମାନେ ୯୭୭୭୭-୮୪୬୪୬ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବା ନିମନ୍ତେ ନାରାୟଣ ଅନୁରୋଧ କରିଛନ୍ତି।

ବିପଦସଙ୍କୁଳ ଅବସ୍ଥାରେ ସେତୁ

ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର

ନିଶ୍ଚିନ୍ତକୋଇଲି,୧୮।୬/ଏନ୍ଏନ୍ଏସ୍: ନିଶ୍ଚିନ୍ତକୋଇଲି ବ୍ଲକ୍ ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୁଣ୍ୟପୀଠକୁ ସଂଯୋଗ କରୁଥିବା ସେତୁ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାର ପ୍ରତିକାର ନିମନ୍ତେ ଜଳସମ୍ପଦ ବିଭାଗ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତିଦିନ ପଦ୍ମବନପୀଠ ନେମାଳକୁ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଦର୍ଶନ ନିମନ୍ତେ ଶହଶହ ଶ୍ରଦ୍ଧାଳୁ ଆସିଥା'ନ୍ତି। ତେବେ ଏହି ପୀଠକୁ ଯିବା ପାଇଁ ପୁଦାଳ ଶାଖା କେନାଲ୍ ଉପରେ ସୁରସିଂହ ଛକ ନିକଟରେ ଥିବା ବଟଗଡ଼ା ପୋଲ ଜରାଜୀର୍ଣ୍ଣ ଓ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ପୋଲକୁ ତୁରନ୍ତ ମରାମତି ପାଇଁ କାର୍ତ୍ତିକ ପ୍ରସାଦ ସିଂହ, ବସନ୍ତ କୁମାର ଭୋଳ, ପ୍ରମୋଦ କୁମାର ଦାସ, ମେଘନାଦ ଦାସ ପ୍ରମୁଖ ଦୃଢ଼ ଦାବି କରିଛନ୍ତି।

ଜିଏସ୍ଟି ପରିଷଦ ବୈଠକ

ରିଟର୍ଣ୍ଣ ଫାଇଲ୍ ରୁଲ୍ କୋହଳ

ନୂଆଦିଲ୍ଲୀ, ୧୮।୬/ପିଟି : ଆଜି ଜିଏସ୍ଟି ପରିଷଦ ବୈଠକରେ ବ୍ୟବସାୟୀଙ୍କ ପାଇଁ ରିଟର୍ଣ୍ଣ ଫାଇଲ୍ କରିବା ନିମନ୍ତେ ଦୁଇ ମାସ କୋହଳ କରାଯାଇଛି। ସଂଶୋଧିତ ରିଟର୍ଣ୍ଣ ଫାଇଲ୍ ନିଷ୍ପତ୍ତି ଅନୁଯାୟୀ ଜୁଲାଇ ପାଇଁ ସେଲ୍ ରିଟର୍ଣ୍ଣ ଅଗଷ୍ଟ ୧୦ ପରିବର୍ତ୍ତେ ସେପ୍ଟେମ୍ବର ୫ ମଧ୍ୟରେ ଫାଇଲ୍ କରାଯାଇ ପାରିବ। କମ୍ପାନୀଗୁଡ଼ିକ ଅଗଷ୍ଟ ମାସ ପାଇଁ ସେଲ୍ ଇନ୍ ଭଏସ୍ ସେପ୍ଟେମ୍ବର ୧୦ ପରିବର୍ତ୍ତେ ସେପ୍ଟେମ୍ବର ୨୦ ମଧ୍ୟରେ ଫାଇଲ୍ କରିପାରିବେ। ରିଟର୍ଣ୍ଣ ଫାଇଲ୍ ନିମନ୍ତେ ଜୁଲାଇ-ଅଗଷ୍ଟ ଦୁଇ ମାସ ସମୟ କୋହଳ କରାଯାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଏକକ ଟିକସ ବ୍ୟବସ୍ଥା ଜିଏସ୍ଟି ଜୁଲାଇ ପହିଲାରୁ ସାରା ଦେଶରେ ଲାଗୁ ହେବାକୁ ଯାଉଛି।

ପ୍ରଥମ ପୃଷ୍ଠାରୁ...

ପର୍ତ୍ତୁଗାଲ୍ ଜଙ୍ଗଲରେ...

ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟ୍ୱିଟର୍‌ରେ ଦୁଃଖ ପ୍ରକାଶ କରିଛନ୍ତି। ୟୁରୋପୀୟ ସଂଘ ପକ୍ଷରୁ ପର୍ତ୍ତୁଗାଲକୁ ସବୁପ୍ରକାର ସାହାଯ୍ୟ ଯୋଗାଇଦେବା ପାଇଁ ଘୋଷଣା କରାଯାଇଛି। ଲିସ୍‌ବନ୍ ଠାରୁ ୨୦୦ କିମି ଉତ୍ତର-ପୂର୍ବରେ ଅବସ୍ଥିତ ପାର୍ବତ୍ୟାଞ୍ଚଳ ପେଡ୍ରୋଗାଓ ଗ୍ରାଣ୍ଡେ ମ୍ୟୁନିସିପାଲିଟି ନିକଟ ଜଙ୍ଗଲରେ ଗତକାଲି ଠାରୁ ନିଆଁ ଲାଗିଲାଣି। ନିଆଁ ହୁ ହୁ ହୋଇ ବ୍ୟାପିବାରେ ଲାଗିଛି। ନିଆଁ ଲିଭାଇବା କାର୍ଯ୍ୟରେ ୯୦୦ ଅଗ୍ନିଶମ କର୍ମଚାରୀ ଓ ୩୦୦ ଅଗ୍ନି ନିର୍ବାପକ ଗାଡ଼ି ନିୟୋଜିତ ହୋଇଛି। ସେମାନଙ୍କୁ ସହଯୋଗ କରିବା ପାଇଁ ସେନାର ୨ଟି ବାଟାଲିୟନ୍ ନିୟୋଜିତ ହୋଇଛନ୍ତି। କାର୍ ଭିତରେ ରହିଯାଇ ବହୁ ଲୋକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ବାଡ଼ବାଗ୍ନି ଯୋଗୁ ୨୦ଟି ଗ୍ରାମ ବିଶେଷ ଭାବେ ପ୍ରଭାବିତ ହୋଇଛି ବୋଲି ପେଡ୍ରୋଗାଓ ଗ୍ରାଣ୍ଡେ ମ୍ୟୁନିସିପାଲିଟିର ମେୟର ଭ୍ଲାଦେମର ଆଲ୍‌ଭେସ ଗଣମାଧ୍ୟମକୁ କହିଛନ୍ତି। ପ୍ରବଳ ଧୂଆଁ ଯୋଗୁ ଉଦ୍ଧାର କାର୍ଯ୍ୟ ଗୁରୁତର ବାଧାପ୍ରାପ୍ତ ହୋଇଛି। ନିଆଁ ବ୍ୟାପୁଥିବାରୁ ଗ୍ରାମଗୁଡ଼ିକୁ ଖାଲି କରି ଦିଆଯାଉଛି।

ଉଲ୍ଲେଖଯୋଗ୍ୟ ଯେ, ପର୍ତ୍ତୁଗାଲରେ ଜଙ୍ଗଲରେ ନିଆଁ ଲାଗିବା କିଛି ନୂଆ କଥା ନୁହେଁ। ତେବେ ଏଭଳି ଅଗ୍ନିକାଣ୍ଡ ଘଟିଥିବାର ନଜିର ନାହିଁ ବୋଲି ପ୍ରଧାନମନ୍ତ୍ରୀ ଆଣ୍ଟୋନିଓ କୋଷ୍ଟା ଘଟଣାସ୍ଥଳ ପରିଦର୍ଶନ କରି କହିଛନ୍ତି। ତେବେ ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ସେ କହିଛନ୍ତି। ରାଷ୍ଟ୍ରପତି ମାର୍ଶେଲୋ ଡି ସୌଜା ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରି ମୃତାହତଙ୍କ ପାଇଁ ଗଭୀର ଦୁଃଖ ପ୍ରକାଶ କରିବା ସହ ସମବେଦନା ଜଣାଇଛନ୍ତି। ଇତିମଧ୍ୟରେ ୟୁରୋପୀୟ ସଂଘ ଅଗ୍ନି ନିର୍ବାପକ ବିମାନ ଯୋଗାଇଦେବାକୁ ଘୋଷଣା କରିଛି। ଫ୍ରାନ୍ସ ଏ ଧରଣର ୩ଟି ବିମାନ ଓ ସ୍ପେନ୍ ୨ଟି ବିମାନ ପର୍ତ୍ତୁଗାଲକୁ ପଠାଇଛି। ଗତ ମାସରେ ପର୍ତ୍ତୁଗାଲ ଗସ୍ତରେ ଯାଇଥିବା ଭାଟିକାନ୍‌ର ପୋପ୍ ଫ୍ରାନ୍‌ସିସ୍ ଏହି ଘଟଣାରେ ଗଭୀର ଭାବେ ମର୍ମାହତ ହୋଇ ମୃତାହତଙ୍କ ଲାଗି ଦୁଃଖ ପ୍ରକାଶ କରିଛନ୍ତି। ପର୍ତ୍ତୁଗାଲରେ ଗତ ସପ୍ତାହରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିଥିଲା ଏବଂ ଅଧିକାଂଶ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହୁଥିଲା।

ସ୍ୱାମୀ ଆତ୍ମସ୍ଥାନନ୍ଦଙ୍କ...

ସେ ୨୨ ବର୍ଷ ବୟସରେ ରାମକୃଷ୍ଣ ପରମହଂସଙ୍କ ଶିଷ୍ୟ ସ୍ୱାମୀ ବିଜ୍ଞାନାନନ୍ଦଙ୍କ ଠାରୁ ଦୀକ୍ଷା ନେଇ ରାମକୃଷ୍ଣ ମିଶନରେ ଯୋଗ ଦେଇଥିଲେ। ତାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକାଶ କରି ତାଙ୍କର ବ୍ୟକ୍ତିଗତ କ୍ଷତି ଘଟିଲା ବୋଲି କହିଛନ୍ତି। ସ୍ୱାମୀ ଆତ୍ମସ୍ଥାନନ୍ଦଙ୍କ ଦ୍ୱାରା ଉଦ୍‌ବୁଦ୍ଧ ହୋଇ ମୋଦି ରାଜନୀତିକୁ ଆସିଥିବା କୁହାଯାଏ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଶୋକ ପ୍ରକାଶ କରିଛନ୍ତି। ମମତା ଆଜି ତାଙ୍କୁ ଦେଖିବା ପାଇଁ ହସ୍‌ପିଟାଲକୁ ଯାଇଥିଲେ।

ପିଜି ପ୍ରବେଶିକାରେ...

ଯଥାକ୍ରମେ ୧୯ଟି ଓ ୪ଟି ସିଟରେ ନାମଲେଖା ଚୟନ କରାଯାଇଛି। ଫଳରେ ଦୁଇଜଣ ପ୍ରାର୍ଥୀ ପିଜି କରିବାରୁ ବଂଚିତ ହୋଇଛନ୍ତି। ସେହିପରି ଅନ୍ୟ ଚର୍ମ ଓ ଯୌନରୋଗ ବିଭାଗରେ ୩ଟି ସିଟ ଥିବାବେଳେ ୪ଜଣଙ୍କୁ ମନୋନୀତ କରାଯାଇ ଶେଷରେ ଭୀମସାରରେ ନାମଲେଖା କାଳରେ ଡା. ମଧୁମିତା ନାୟକଙ୍କୁ ନାମଲେଖା ପାଇଁ ମନା କରାଯାଇଥିଲା। ଏହା ମଧ୍ୟରେ ଭୀମସାର ପିଜି ପ୍ରବେଶିକା ପ୍ରସଙ୍ଗ ରାଜ୍ୟ ସରକାରଙ୍କୁ ଯଥେଷ୍ଟ ଅପଦସ୍ଥ କରିଥିବାରୁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ସ୍ୱରୁପ ପିଜି କାଉନସେଲିଂ କମିଟୀ ଅଧ୍ୟକ୍ଷ, ଆବାହକ ଓ ଭୀମସାର ଅଧ୍ୟକ୍ଷଙ୍କୁ ୧୫ଦିନିଆ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସନ୍ତୋଷଜନକ ଉତ୍ତର ନଦେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଅପରପକ୍ଷରେ ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ସଂପୂର୍ଣ୍ଣ ପିଜି ନାମଲେଖା ପ୍ରକ୍ରିୟାକୁ ଅସିଦ୍ଧ ଘୋଷଣା କରି ପୁନଃ ନୀତି ନିୟମ ଅନୁସାରେ ପ୍ରକ୍ରିୟା ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଠାରେ ଦାବି କରାଯାଇଛି।

ଓଏଚ୍‌ଆର୍‌ସିଙ୍କ...

କାହିଁକି ଓ କେଉଁ ପରିସ୍ଥିତିରେ ଏଭଳି ଦୁର୍ଭାଗ୍ୟଜନକ ଘଟଣା ଘଟିଲା ସେ ସମ୍ପର୍କରେ ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଛି। ସୂଚନାଯୋଗ୍ୟ ଏହି ଘଟଣାରେ କାର୍ଯ୍ୟରେ ଅବହେଳା କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ଏଏସ୍‌ଆଇ ନୃସିଂହ ଚରଣ ସ୍ୱାଇଁଙ୍କୁ ଗତକାଲି ଡିସିପି କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ସେହିପରି ଥାନା ଅଧିକାରୀ ସୂର୍ଯ୍ୟମଣୀ ପ୍ରଧାନଙ୍କୁ କାରଣ ଦର୍ଶାଅ ନୋଟିସ ମଧ ଜାରି କରାଯାଇଛି। କେଉଁ ପରିସ୍ଥିତିରେ ଥାନାରେ ନାବାଳକ ନିଖୋଜ ନେଇ ତଥ୍ୟ ଥିଲେ ମଧ ଥାନା ଅଧିକାରୀ ଜାଣି ପାରିଲେନି,ତାହାର ଉତ୍ତର ଦେବାକୁ କୁହାଯାଇଛି। ଅନ୍ୟପକ୍ଷରେ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ତାଙ୍କ ପୁଅର ବୟସ ୧୫ ବର୍ଷ ବୋଲି ଉଲ୍ଲେଖ ରହିଥିଲା। କଟକ ବଡ଼ ମେଡିକାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିବା ପରେ ତାଙ୍କ ମୃତ୍ୟୁ ସମ୍ପର୍କରେ ମଙ୍ଗଳବାଗ ଥାନାକୁ ସୂଚନା ଦିଆଯାଇଥିଲା। ସେଠାରେ ଇସାକ୍‌ଙ୍କ ବୟସ ୩୦ ଦର୍ଶାଯାଇଥିଲା। ସେହିପରି ପରିବାର ଲୋକଙ୍କୁ ପ୍ରଦାନ କରାଯାଇଥିବା ରିପୋର୍ଟରେ ଇସାକ୍‌ଙ୍କ ବୟସ ୩୦ରୁ କାଟି ୧୮ ବର୍ଷ ଲେଖାଯାଇଥିବା ପବିତ୍ର ଅଭିଯୋଗରେ ଦର୍ଶାଇଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ମାନବାଧିକାର କମିଶନ ପୁଲିସ ଅଧିକାରୀଙ୍କ ଦାୟିତ୍ୱହୀନତାକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଏପରି ଘଟଣା ଦ୍ୱାରା ସାଧାରଣ ଲୋକ ପୁଲିସ ଉପରୁ ଆସ୍ଥା ହରାଇବା ସମ୍ଭାବନା ରହିଛି, ବରିଷ୍ଠ ପୁଲିସ୍ ଅଧିକାରୀମାନେ ଏ ଦିଗରେ ପଦକ୍ଷେପ ନେବାକୁ କମିଶନ ପରାମର୍ଶ ଦେଇଛନ୍ତି। ଏଥିସହ ମଙ୍ଗଳାବାଗ ଥାନା ପୁଲିସକୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ଚିକିତ୍ସା ସମ୍ପର୍କିତ କାଗଜପତ୍ରର ନକଲ ଦାଖଲ କରିବାକୁ କମିଶନ ପୁଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଗତ ଜୁନ୍ ୫ ତାରିଖରେ ଏକ ଦୁର୍ଘଟଣାରେ ଇସାକ୍ ଆହତ ହୋଇଥିଲେ। ଖବରପାଇ ପିସିଆର୍ ଭ୍ୟାନ୍ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ୭ତାରିଖ ସକାଳେ ଇସାକ୍‌ଙ୍କ ସେଠାରେ ମୃତ୍ୟୁ ହୋଇଥିଲା ହେଲେ ପୁଅ ନିଖୋଜ ଥିବା ସମ୍ପର୍କରେ ପବିତ୍ର ୬ ତାରିଖରେ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ତାଙ୍କ ଅଭିଯୋଗକୁ ଗ୍ରହଣ କରିନଥିଲା। ୮ ତାରିଖରେ ପବିତ୍ର ଡିସିପିଙ୍କୁ ଗୁହାରି କରିବା ପରେ ନୂଆପଲ୍ଲୀ ଥାନା ପୁଲିସ୍ ଏ ସଂକ୍ରାନ୍ତରେ ମାମଲା ରୁଜୁ କରିଥିଲା। ହେଲେ ହାତବାନ୍ଧି ବସିଥିଲା। ପରିବାର ଲୋକ କ୍ୟାପିଟାଲ୍ ହସ୍ପିଟାଲ୍ ଓ ପରେ କଟକ ବଡ଼ ମେଡିକାଲରେ ପହଞ୍ଚିଥିଲେ। ପୁଅର ମୃତ୍ୟୁ ଘଟିଥିବା ଜରୁରୀକାଳୀନ କେନ୍ଦ୍ରରୁ ପବିତ୍ର ସୂଚନା ପାଇଥିଲେ। ମଙ୍ଗଳବାଗ ଥାନା ପୁଲିସ୍ ଇସାକ୍‌ର ଶବକୁ ୩ ଦିନ ଶବାଗାରରେ ରଖିବା ପରେ ଦାହ କରି ଦେଇଥିବା ଜଣାପଡ଼ିଥିଲା। କମିଶନରେଟ୍ ପୁଲିସର ଦାୟିତ୍ୱହୀନତା ପାଇଁ ସେମାନେ ତାଙ୍କ ପୁତ୍ର ଇସାକ୍‌ଙ୍କ ମୃତ୍ୟୁ ସମ୍ପର୍କରେ ଅବଗତ ହୋଇ ପାରିନଥିବା ପରିବାରବର୍ଗ ଅଭିଯୋଗ କରିଥିଲେ।

'ପ୍ୟାକ୍ସ' ନେଉନାହାନ୍ତି...

ସଠିକ୍ ସମୟରେ ୟୁରିଆ ଯୋଗାଣର ପରିମାଣକୁ ହାସଲ କରିବା ସମ୍ଭବପର ହେବ ନାହିଁ ବୋଲି ସେ ସତର୍କ କରାଇ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ ଚାଷୀଙ୍କୁ ସଠିକ୍ ସମୟରେ ସାର ଯୋଗାଣ ପାଇଁ ରାଜ୍ୟ ସରକାର ୧୦୦କୋଟି ଟଙ୍କାର ଏକ କର୍ପସ ପାଣ୍ଠି ଗଠନ କରିଛନ୍ତି। ଏହି ଅର୍ଥରୁ ୭୫କୋଟି ଟଙ୍କା ନେଇ ମାର୍କଫେଡ୍ ପ୍ରତିବର୍ଷ ବିଭିନ୍ନ କମ୍ପାନୀରୁ ସବ୍‌ସିଡିଯୁକ୍ତ ସାର ଉଠାଣ କରିଥାଏ। ଉକ୍ତ ସାରକୁ ପ୍ୟାକ୍ସ ମାଧ୍ୟମରେ ଚାଷୀଙ୍କୁ ସବ୍‌ସିଡି ଦରରେ ବିକ୍ରି କରାଯିବା ପରେ ସେହି ଅର୍ଥକୁ ମାର୍କଫେଡ୍ ଭରଣା କରିଥାଏ। କିନ୍ତୁ ଚଳିତ ଖରିଫ ଋତୁରେ ମାର୍କଫେଡ୍‌ଠାରୁ ୟୁରିଆ ନେବାରେ ସମବାୟ ସୋସାଇଟିଗୁଡ଼ିକ ବେପରୁଆ ମନୋଭାବ ପୋଷଣ କରୁଥିବାରୁ ଚାଷୀଙ୍କୁ ଚାଷ କାର୍ଯ୍ୟବେଳେ ଆବଶ୍ୟକ ପରିମାଣର ସବ୍‌ସିଡି ୟୁରିଆ ମିଳିବାର ସମ୍ଭାବନା କ୍ଷୀଣ ବୋଲି ଆଶଙ୍କା କରାଯାଉଛି।

ଚାଉଳ ଚୋରାଚାଲାଣ, ଗାଡ଼ି ଜବତ

ନୟାହାଟ,୧୮।୬/ଏନ୍ଏନ୍ଏସ୍ : ସୋରଡା ପଞ୍ଚାୟତର ଅଇଁଗୋଳ ଗ୍ରାମର ପ୍ରଶାନ୍ତ କୁମାର ସ୍ୱାଇଁ ନାମକ ଜଣେ ଯୁବକ ସମେତ କେତେକ ବ୍ୟକ୍ତି ନୟାହାଟ ବଜାରରୁ ଏକ ବିପିଏଲ୍ ଚାଉଳ ବୋଝେଇ ଗାଡ଼ିକୁ ଜବତ କରି ଫାଣ୍ଡିରେ ଜିମା ଦେଇଥିବା ଖବର ମିଳିଛି। ପ୍ରକାଶ ଯେ, ଓଡି-୦୨ଏବି ୮୩୫୫ ନମ୍ବରର ଏକ ଗାଡ଼ିରେ ସୋରଡା ଅଞ୍ଚଳର ଜଣେ ବ୍ୟବସାୟୀ ବିପିଏଲ୍ ଚାଉଳ ଗାଡ଼ିରେ ବିକ୍ରି କରିବା ପାଇଁ ନୟାହାଟ ଯାଉଥିବାବେଳେ ପ୍ରଶାନ୍ତ ଗାଡ଼ି ଅଟକାଇ ଫାଣ୍ଡିକୁ ନେଇଥିଲେ। ଏସମ୍ପର୍କିତ ଅଭିଯୋଗ କରିବା ପରେ ଫାଣ୍ଡି ଅଧିକାରୀ ଗଙ୍ଗାଧର ସାହୁ ଚାଉଳ ଗାଡ଼ିକୁ ଜବତ କରି ଫାଣ୍ଡିରେ ରଖିଛନ୍ତି। ସପ୍ଲାଇ ଆସିଲେ ଏହି ଚାଉଳ କେଉଁଠୁ ଆସିଲା ପ୍ରକୃତରେ ଜଣାପଡ଼ିବ ବୋଲି ପୁଲିସ କହିଛି। ଏ ବିଷୟରେ ସୋରଡା ସରପଞ୍ଚ ବାବୁଲାଲା ସ୍ୱାଇଁଙ୍କୁ ପଚାରିବାରୁ ସେ କହିଥିଲେ ଯେ ଏହା ତାଙ୍କ ଚାଉଳ ନୁହେଁ।

'ପରିବେଶ ପରମାତ୍ମା'ର ଲୋକାର୍ପଣ

ନିଆଳି,୧୮।୬ /ଏନ୍ଏନ୍ଏସ୍: ନିଆଳି ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସାହିତ୍ୟିକ କାର୍ତ୍ତିକଚନ୍ଦ୍ର ଷଡଙ୍ଗୀଙ୍କ ଦ୍ୱାରା ଲିଖିତ 'ପରିବେଶ ପରମାତ୍ମା' ପୁସ୍ତକର ଲୋକାର୍ପଣ ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ତଥା ଓଡିଶାର ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ପୁସ୍ତକ 'ପରିବେଶ ମରମାତ୍ମା'କୁ ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରକାଶକ ତଥା କବି ସଦାଶିବ ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ନିଆଳି ବ୍ଲକର ପୂର୍ବତନ ଅଧକ୍ଷ ତଥା ଅଞ୍ଚଳର ବରିଷ୍ଠ ନାଗରିକ ଅଭିମନ୍ୟୁ ସିଂହ ପ୍ରମୁଖ ଯୋଗଦେଇ ଓଡିଆ ଭାଷା ବଞ୍ଚିଲେ ସାହିତ୍ୟ ବଞ୍ଚିବ ଉପରେ ଉଦ୍‌ବୋଧନ ଦେବା ସହ ସାହିତ୍ୟ ଲୋକଙ୍କୁ ଦୀର୍ଘାୟୁ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ସାହିତ୍ୟିକ ଡଃ ତ୍ରିନାଥ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ନିଆଳି ମହାବିଦ୍ୟାଳୟର ଓଡିଆ ଅଧାପକ ଶରତଚନ୍ଦ୍ର ବାରିକ ସଭା ପରିଚାଳନା କରି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧାପକ ସୁଧାକର କାଠୁଆ, କାର୍ତ୍ତିକଚନ୍ଦ୍ର ଷଢଙ୍ଗୀ, ସନାତନ ଆଚାର୍ଯ୍ୟ, ରବିନାରାୟଣ ରାୟ, ଡଲି ରାଉତଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ।

ଶାନ୍ତି କମିଟି ସଭାପତିଙ୍କ ପରଲୋକ



ଜଗତପୁର,୧୮।୬/ଏନ୍ଏନ୍ଏସ୍: ଜଗତପୁରର ବିଶିଷ୍ଟ କଂଗ୍ରେସ ନେତା, ଶାନ୍ତି କମିଟି ସଭାପତି ସୁବର୍ଣ୍ଣ କେଶରୀ ଜେନାଙ୍କ (୬୫)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ସ୍ୱର୍ଗତ ଜେନା ଦୀର୍ଘ ଦିନ ହେବ ମଧୁମୟ ରୋଗରେ ଆକ୍ରାନ୍ତ ହୋଇ ଅସୁସ୍ଥ ଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଜଗତପୁର ସମେତ ଚୌଦ୍ୱାର-କଟକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ,ସାଲେପୁର ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା,ପିସିସି ଉପସଭାପତି ସୁରେଶ ଚନ୍ଦ୍ର ମହାପାତ୍ର, ନଗର କଂଗ୍ରେସ ସଭାପତି ଇଂ. ମହମ୍ମଦ ମୋକିମ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ବିଜେପି ନେତା ନୟନ କିଶୋର ମହାନ୍ତି, ଶିକ୍ଷକ ନେତା କୈଳାସ ଚନ୍ଦ୍ର ବରାଳ, କଟକ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ ସମେତ ସ୍ଥାନୀୟ ଅଞ୍ଚଳର ଅଲେଖ ଚନ୍ଦ୍ର ବେହେରା, ରଶ୍ମୀକାନ୍ତ ସାମଲ, ମାନସ ପରିଡା, କର୍ପୋରେଟର ଦୟାନିଧି ନାୟକ, ୪୮ନଂ କର୍ପୋରେଟର ନିରୋଦ ଚନ୍ଦ୍ର ପଣ୍ଡା, ନବ କିଶୋର ସ୍ୱାଇଁ, ଦିଲ୍ଲୀପ୍ କୁମାର ଜେନା, ନିରଞ୍ଜନ ବିଶ୍ୱାଳ, ହରିହର ପଣ୍ଡା, କାମପାଳ ଶତପଥି, ବିଜୟ କୁମାର ଭୂୟାଁ, କୁଳମଣୀ ବେହେରା, ମାଧବାନନ୍ଦ ବିଶ୍ୱାଳ, ମାନସ ରଞ୍ଜନ ସାମଲ ସମେତ ଜଗତପୁର ଅଞ୍ଚଳର ବହୁ ବ୍ୟକ୍ତି ଶୋକ ତନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

ସମସ୍ୟାଘେରରେ ନଗସପୁର ସ୍ୱାସ୍ଥ୍ୟକେନ୍ଦ୍ର

ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର
ନଗସପୁର, କଟକ
NO PARKING

ନେମାଳ,୧୮।୬/ଏନ୍ଏନ୍ଏସ୍: ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନଗସପୁର ସ୍ୱାସ୍ଥ୍ୟକେନ୍ଦ୍ର ବହୁ ସମସ୍ୟା ଘେରରେ ରହିଛି। ବିଭାଗୀୟ କର୍ମଚାରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଫଳରେ ଲୋକେ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି।

ସୂଚନା ଅନୁସାରେ ନେମାଳ, ବନ୍ଧକାଟିଆ, ନଗସପୁର, ଝାଡ଼େଶ୍ୱରପୁର, ପାଳଦା, ଗୋପୀନାଥପୁର ଆଦି ପଞ୍ଚାୟତର ପ୍ରାୟ ୪୦ ହଜାର ପରିବାର ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ରନାଥ ପଟ୍ଟନାୟକ ନଗସପୁର ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରିଥିଲେ। ପରେ ଏଠାରେ ପୂର୍ବତନ ସଂସଦ ପ୍ରଭାତ ସାମନ୍ତରାୟଙ୍କ ପକ୍ଷରୁ ଏକ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିଲା। ତାହା ଏବେ ଦୀର୍ଘଦିନ ହେଲା ଅଚଳ ହୋଇ ଖତ ଖାଉଛି। ଖାଲି ସେତିକି ନୁହେଁ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ବ୍ୟବସ୍ଥା ଥିଲେ ମଧ କୌଣସି ସମୟରେ ଡାକ୍ତର କ୍ୱାର୍ଟର୍ସରେ ରହୁ ନ ଥିବାବେଳେ ନିୟମିତି ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁ ନ ଥିବା ଅଭିଯୋଗ ହୋଇଛି। ରୋଗୀମାନଙ୍କପାଇଁ ଉପଯୁକ୍ତ ବେଡ୍, ଆବଶ୍ୟକ ଯନ୍ତ୍ରପାତି ଓ ଔଷଧ ଏଠାରେ ନାହିଁ। ଏହି ନିର୍ବାଚନମଣ୍ଡଳୀର ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ନଗସପୁର ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମାଧାନ ପ୍ରତି ଦୃଷ୍ଟି ଦେଉ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ୧୨୦ ରୁ ୧୪୫ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ମାତ୍ର ଡାକ୍ତର ଅଭାବ, ଆମ୍ବୁଲାନ୍ସ ନ ଥିବାରୁ ଗରିବ ରୋଗୀମାନେ ବହୁ ଖର୍ଚ୍ଚାନ୍ତ ହେଉଛନ୍ତି। ନଗସପୁର ସ୍ୱାସ୍ଥ୍ୟକେନ୍ଦ୍ରରେ କେତେକ ହାତଗଣତି କର୍ମୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ପ୍ରାୟ ୧ କୋଟିରୁ ଅଧିକ ଟଙ୍କା ବିନିମୟରେ ପାଚେରି ଓ ଗୃହ ନିର୍ମାଣ ହେଉଥିଲାବେଳେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇଁ ନିୟମିତ ଡାକ୍ତର ନିଯୁକ୍ତି ଦିଗରେ ପଦକ୍ଷେପ ନିଆଯାଉ ନାହିଁ। ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ପ୍ରତି ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

୫ ବର୍ଷ ହେଲା ତଦନ୍ତ ଚାଲିଛି,ଏସ୍ଏଚ୍‌ଜି ହତାଶ

କନ୍ଦରପୁର,୧୮।୬/ଏନ୍ଏନ୍ଏସ୍ : ମିଶନ ଶକ୍ତି ଦ୍ୱାରା ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାକୁ ସରକାର ପଦକ୍ଷେପ ନେଇଥିବା ବେଳେ କଟକ ସଦର ବ୍ଲକ ତାହା ପ୍ରହସନରେ ପରିଣତ ହୋଇଛି। ପ୍ରକାଶ ଯେ ଯଶପଡ଼ା ପଞ୍ଚାୟତ କୋସିଦା ମା' ଶାରଳା ମହିଳା ସ୍ୱୟଂ ସହାୟକ ଦଳ ନିଶ୍ଚିନ୍ତ କ୍ରମ ନିଯୁକ୍ତି ଯୋଜନାରେ ରିହାତି ଯୁକ୍ତ ଋଣ ଆଣି ବୟନ କାର୍ଯ୍ୟ ସୂଚାରୁ ରୂପେ ଚଳାଇଥିଲେ। ଏଥିରେ ଈର୍ଷାନ୍ୱିତ ହୋଇ କେତେକ ସ୍ୱାର୍ଥାନ୍ୱେଷୀ ପୁରୁଷ ଗୋଷ୍ଠୀ ବିରୋଧରେ ୨୦୧୨ରେ କଟକ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗର ତଦନ୍ତ କରିବାକୁ ସଦର ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ତାହା ସରିନଥିବା ଜଣାଯାଇଛି। ଫଳରେ ଗୋଷ୍ଠୀର ଋଣ ଓ ସୁଧ ବଢ଼ି ବଢ଼ି ଚାଲିଥିବାରୁ ଦେବାଳିଆ ପରିସ୍ଥିତି ସୃଷ୍ଟି ହୋଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସଭାନେତ୍ରୀ ନିର୍ମଳା ବେହେରା, ସମ୍ପାଦକ ଝରୀ ବେହେରା ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

ଯାଆଁଳା ବାଛୁରୀ ଜନ୍ମ

ନିଶ୍ଚିନ୍ତକୋଇଲି,୧୮।୬/ଏନ୍ଏନ୍ଏସ୍: ନିଶ୍ଚିନ୍ତକୋଇଲି ବ୍ଲକ୍ ଝାଡେଶ୍ୱରପୁର ଗ୍ରାମପଞ୍ଚାୟତ ମଙ୍ଗଳପୁର ଗ୍ରାମର କସ୍ତୁରୀ ଧୀରଙ୍କର ଗୋଟିଏ ଦେଶୀ ଗାଈ ଏକକାଳୀନ ଦୁଇଟି ମାଈ ବାଛୁରୀକୁ ଜନ୍ମଦେଇଥିବା ଜଣାଯାଇଛି। ଏହି ଗାଈ ଓ ବାଛୁରୀ ଦ୍ୱୟ ସୁସ୍ଥସବଳ ରହିଛନ୍ତି। ଏହି ଗାଈ ଓ ବାଛୁରୀଙ୍କୁ ଦେଖିବା ପାଇଁ ଲୋକଙ୍କ ଭିଡ ଜମୁଥିବାର ଦେଖିବାକୁ ମିଳିଛି।

'ଫ୍ରାଞ୍ଚାଇଜ୍ ବ୍ୟବସ୍ଥା ବନ୍ଦ ନ ହେଲେ ସାଉଥ୍‌କୋ ଅଚଳ ହେବ'

ସ୍ଥାପିତ-ନ-୪୩୬ ଜୟପୁର-ତା-୩-୨-୨୦୧୦

ବ୍ରହ୍ମପୁର, ୧୮।୬/ଏନ୍ଏନ୍ଏସ୍: ବିଦ୍ୟୁତ୍ ଭଳି ଅତ୍ୟାବଶ୍ୟକ ସେବାକୁ ରାଜ୍ୟ ସରକାର ଘରୋଇକରଣ କରିବା ଠାରୁ ଆଜିଯାଏ ଅଫିସର ନିଯୁକ୍ତି ନାମରେ କେବଳ ଧଳାହାତୀ ପୋଷିବା ଛଡା ବିଦ୍ୟୁତ୍ ଗ୍ରାହକ ସେବା ସୁଧୁରିନାହିଁ କି ବିଦ୍ୟୁତ୍ କର୍ମଚାରୀଙ୍କ ସମସ୍ୟାର ସମାଧାନ ହୋଇନାହିଁ। ଲାଭ ହେବା ସ୍ଥିତି ସ୍ପଷ୍ଟ ଭାବେ ଦେଖା ଯାଉଥିଲେ ମଧ ସରକାରଙ୍କ ଅପାରଗତା ଏବଂ ନିଷ୍କ୍ରିୟତା ଯୋଗୁଁ ସାଉଥ୍‌କୋ କ୍ଷତି ଦେଖାଉଛି। ଏହି ଆଳରେ ଗ୍ରାହକ ଏବଂ କର୍ମଚାରୀଙ୍କୁ ଲୁଟ୍ କରାଯାଉଛି। ଏହି ସ୍ଥିତିରେ ପରିବର୍ତ୍ତନ ନହେଲେ ଯେକୌଣସି ମୁହୂର୍ତ୍ତରେ ସାଉଥକୋକୁ ଅଚଳ କରିବା ପାଇଁ ଓଡ଼ିଶା ବିଜୁଳି କର୍ମଚାରୀ ସଂଘ ବାଧ ହେବ ବୋଲି ସଂଘର ସଂପାଦକ କାଳୁଚରଣ ସାହୁ କହିଛନ୍ତି। ଆଜି ଗଞ୍ଜାମ କଳା ପରିଷଦରେ ସଂଘ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ସାହୁ ଏହା କହିଛନ୍ତି। ଏହି ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ପଞ୍ଚାନନ ଜେନା, ଉପସଭାପତି ଏଲ୍.ନିରଞ୍ଜନ ପାତ୍ର, ସହକାରୀ ସଂପାଦକ ରାକେଶ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଘରୋଇକରଣ ପରଠାରୁ ବିଦ୍ୟୁତ୍ ଶିଳ୍ପରେ ସଂସ୍କାର ନାମରେ କୋଟି କୋଟି ଟଙ୍କା ବ୍ୟୟ କରାଯାଇଥିଲେ ମଧ ଭିତ୍ତିଭୂମିର ବିକାଶ ହେବା ପରିବର୍ତ୍ତେ ଅଫିସର ରାଜ୍ ଦିନକୁ ଦିନ ବଢ଼ିଚାଲିଛି। ବିଦ୍ୟୁତ୍ ଗ୍ରାହକଙ୍କୁ ଉନ୍ନତ ସେବା ଦେବା ବଦଳରେ ବିଦ୍ୟୁତ୍ ଶୁଳ୍କ, ବିଦ୍ୟୁତ୍ କାଟ, ଯନ୍ତ୍ରପାତି ଅଭାବ, କ୍ଷେତ୍ର କର୍ମଚାରୀଙ୍କ ଅଭାବ ବୃଦ୍ଧି ପାଇଛି। ଘନଘନ ବିଦ୍ୟୁତ୍ କାଟ ସାଙ୍ଗକୁ ବ୍ରେକ୍ ଡାଉନ, ସଟ୍ ଡାଉନ୍ ଇତ୍ୟାଦି ଯୋଗୁଁ ନିରବିଚ୍ଛିନ୍ନ ବିଦ୍ୟୁତ୍ ସେବା ଗ୍ରାହକଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଗୋଟିଏ ପଟେ ପ୍ରଶାସନ ଓ ପରିଚାଳନା ନାମରେ ଅଫିସରଙ୍କ ନିଯୁକ୍ତି ହେଉଥିବା ବେଳେ ତୃଣମୂଳ ସ୍ତରରେ ଗ୍ରାହକଙ୍କୁ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ଆବଶ୍ୟକ ହେଉଥିବା ଚାର୍ଜମ୍ୟାନ, ଲାଇନମ୍ୟାନ, ହେଲପର, ପିଅନ, କିରାଣି ଇତ୍ୟାଦି ପଦବୀ ୬୦ପ୍ରତିଶତ ଖାଲି ପଡିଛି। ଏଥିଯୋଗୁଁ କର୍ତ୍ତୃପକ୍ଷ ଦେଖାଉଥିବା ଏଟିଏନ୍‌ସି ଜନିତ କ୍ଷତି ହେଉଛି। ନଚେତ ବିଦ୍ୟୁତ୍ ଶିଳ୍ପରେ କ୍ଷତି ହେବାର ପ୍ରଶ୍ନ ଉଠୁନାହିଁ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ଗତ ୨୦୦୭ରୁ ୨୦୧୪ ମସିହା ଯାଏ ଛତ୍ରପୁର ବିଦ୍ୟୁତ୍ ଡିଭିଜନ ଓ ଫ୍ରାଞ୍ଚାଇଜ ଦିଆଯାଇଥିବା ବେଳେ ସେଠାରେ ଲାଭ ବଦଳରେ ବ୍ୟାପକ କ୍ଷତି ହୋଇଥିଲା। ତେଣୁ ଫ୍ରାଞ୍ଚାଇଜ ବ୍ୟବସ୍ଥାକୁ ତୁରନ୍ତ ବନ୍ଦ କରାଯାଉ। ଏହି ପ୍ରକ୍ରିୟାରେ ବିଦ୍ୟୁତ୍ ବିଭ୍ରାଟ ବୃଦ୍ଧି ହେବା ସହ ଅଣକୁଶଳୀ କର୍ମଚାରୀଙ୍କ ଯୋଗୁଁ ବହୁ ଦୁର୍ଘଟଣାଜନିତ ଜୀବନ କ୍ଷତି ହୋଇଥିଲା। ତେଣୁ ସଂଘର ଦାବି ଅନୁସାରେ ଏବଂ ଗତ ୨୦୧୬ ନଭେମ୍ବର ୩ ତାରିଖରେ ସାଉଥକୋ କର୍ତ୍ତୃପକ୍ଷ ଓ ସଂଘ ମଧରେ ହୋଇଥିବା ଚୁକ୍ତି ଅନୁସାରେ ସମସ୍ତ କାର୍ଯ୍ୟରତ ଠିକା ଶ୍ରମିକ, କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ସ୍ଥାୟୀ କର୍ମଚାରୀଙ୍କ ଭଳି ସମାନ କାମକୁ ସମାନ ଦରମା, ସୁପ୍ରିମକୋର୍ଟଙ୍କ ରାୟକୁ ସମ୍ମାନ ଦିଆ ନଗଲେ ଆଗାମୀ ଦିନରେ ସଂଘ ଅଚଳାବସ୍ଥା ସୃଷ୍ଟି କରିବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧରେ ନକୁଳ ସାସମଲ, ଉଦୟନାଥ ଶୁକ୍ଳ, କେ.ମୋହନ ରେଡ୍ଡୀ, ଯୁଧିଷ୍ଠିର ସାହୁ, ବିଜୟ ପଢ଼ିଆଳୀ, ସୁରେନ୍ଦ୍ର ରଣା, ବିନୋଦ ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।